ସମ୍ପୁରନ୍ ସିଂହ

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ଜାନୁଆରୀ 19,1994

[କେ. ରାମସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତି ଦ୍ୱୟ]

*ପଞ୍ଜାବ ଜମି ରୟତି ସୁରକ୍ଷା ଅଧିନିୟମ 1953 / ହରିୟାଣା ସର୍ବାଧିକ ଜମି ପରିମାଣ ଅଧିନିୟମ 1922 :*

ଧାରା *2 (5-a ) /ଧାରା 7,9,12 (3) , 33 (2) - ବଳକା ପରିମାଣ - ଏହା ଜମିଧାରୀଙ୍କ ଉପଭୋଗରେ ଥିଲା - ମଧ୍ୟବର୍ତ୍ତୀ କାଳରେ ଜମିଧାରୀଙ୍କ ପୁଅମାନେ ସାବାଳକ ହୋଇସାରିଛନ୍ତି - ଘୋଷଣା ପୁନରାରମ୍ଭ କରିବା ପାଇଁ ଜମିଧାରୀଙ୍କ ଦାବି - ରାୟ ଦିଆଗଲା - ଯଦିଓ ବଳକା ଜମିକୁ ଜମିଧାରୀଙ୍କ ଦଖଲରେ ରହିବାକୁ ଅନୁମତି ଦିଆଯାଇଥିଲା, କିନ୍ତୁ ଜମି ଉପରେ କୌଣସି ଆଇନଗତ ଦାବିରୁ ମୁକ୍ତ ହୋଇ ପ୍ରଜାସତ୍ତ୍ୱ ଅଧିକାର 23.12.1972 ତାରିଖରୁ ରାଜ୍ୟ ପାଖରେ ରହିଥିଲା - ପଞ୍ଜାବ ଅଧିନିୟମ ଅନୁଯାୟୀ ବିଚାରାଧୀନ ପ୍ରକ୍ରିୟା ସେହି ଅଧିନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ହେବା ଉଚିତ।*

*ଭାରତର ସମ୍ବିଧାନ, 1950:ରାଜ୍ୟ ବ୍ୟବସ୍ଥାପିକାରା ସକ୍ଷମ - ପିଛିଲା ଭାବେ ଆଇନ ପ୍ରଣୟନ କରିବାର କ୍ଷମତା - ଏପରିକି କିଛି କ୍ଷେତ୍ରରେ ଆଇନକୁ ପିଛିଲା ଲାଗୁ କରି ନିହିତ ଅଧିକାରକୁ ଛଡ଼ାଇ ନେଇ, ବ୍ୟବସ୍ଥାପିକା ପିଛିଲା ପ୍ରଭାବରେ ଆଇନ ପ୍ରଣୟନ କରିବାକୁ ସକ୍ଷମ- ହରିୟାଣା ସର୍ବାଧିକ ଜମି ପରିମାଣ ଅଧିନିୟମ 1972 , ସାମ୍ବିଧାନିକ ଭାବେ ବୈଧ।*

**ଆବେଦନକାରୀଙ୍କ କେତେକ ଜମିକୁ 1964 ମସିହାରେ ପଞ୍ଜାବ ଜମି ରୟତି ସୁରକ୍ଷା ଅଧିନିୟମ 1953 ଅନୁଯାୟୀ ବଳକା ବୋଲି ଘୋଷଣା କରାଯାଇଥିଲା । ଆବେଦନକାରୀଙ୍କ ଦାବି ଥିଲା ଯେ ଜମି, ଯଦିଓ ବଳକା ଘୋଷିତ ହୋଇଛି, ତାଙ୍କ ଦଖଲ ଏବଂ ଉପଭୋଗରେ ରହିବାକୁ ଅନୁମତି ଦିଆଯାଇଛି, ଅର୍ଥାତ୍, ଜମି ଯଦି ଅନ୍ୟଥା ଅବ୍ୟବହୃତ ନ ରୁହେ, ତେବେ ହରିୟାଣା ସର୍ବାଧିକ ଜମି ପରିମାଣ ଅଧିନିୟମ 1972 , ଅନୁଯାୟୀ ସେ ତାଙ୍କ ଘୋଷଣାନାମାର ପୁନରାରମ୍ଭ**

କରିବା ପାଇଁ ହକଦାର ଥିଲେ , କାରଣ ମଧ୍ୟବର୍ତ୍ତୀକାଳୀନ ସମୟରେ ତାଙ୍କ ତିନି ପୁଅ ସାବାଳକ ହୋଇଯାଇଥିଲେ କିନ୍ତୁ ତାଙ୍କର ଏପରି ଦାବିକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଲେ । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ବର୍ତ୍ତମାନର ଏହି ଆବେଦନ।

ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ ରାୟ ଦେଲେ ଯେ

**1.1.** ଯଦିଓ ବଳକା ଜମିକୁ ପୂର୍ବ ଜମିଧାରୀଙ୍କ ଦଖଲରେ ରହିବାକୁ ଅନୁମତି ଦିଆଯାଇଥିଲା, କିନ୍ତୁ ହରିୟାଣା ସର୍ବାଧିକ ଜମି ପରିମାଣ ଅଧିନିୟମ **1972** ଅନୁଯାୟୀ ଜମି ଉପରେ କୌଣସି ଆଇନଗତ ଦାବିରୁ ମୁକ୍ତ ହୋଇ ଏହାର ପ୍ରଜାସତ୍ତ୍ୱ ଅଧିକାର **23.12.1972** ତାରିଖରୁ ରାଜ୍ୟ ପାଖରେ ରହିଥିଲା ।  ଆହୁରି ମଧ୍ୟ, ପୂର୍ବ ଜମିଧାରୀଙ୍କୁ ରାଜ୍ୟ ଦ୍ୱାରା ଅନୁମତି ଦିଆଯାଇଥିବା ବଳକା ଜମିର  ଉପଭୋଗ, ଏପରି ଜମିରେ କୌଣସି ପ୍ରଜାସତ୍ତ୍ୱ ଦାବି କରିବା କରିବା ପାଇଁ ତାଙ୍କୁ କୌଣସି ଅଧିକାର ପ୍ରଦାନ କରେ ନାହିଁ ।ତେଣୁ, ଆବେଦନକାରୀ ଏବଂ ତାଙ୍କ ତିନି ପୁଅ ଯେଉଁମାନେ ପରେ ସାବାଳକ ହୋଇଥିଲେ ସେମାନଙ୍କ ମଧ୍ୟରେ ଏକ ନୂତନ ଗଣନା କରାଯାଇପାରିବ ନାହିଁ।

**1.2.** ହରିୟାଣା ଅଧିନିୟମର ଧାରା **9** , ପଞ୍ଜାବ ଅଧିନିୟମ ଅନୁଯାୟୀ ଘୋଷିତ ବଳକା ଅଞ୍ଚଳକୁ ପୁନରାରମ୍ଭ ଏବଂ ପୁନଃହିସାବ ଦ୍ୱାରା ସମାଯୋଜନ କରିବାକୁ ଅନୁମତି ଦିଏ ନାହିଁ । ହରିୟାଣା ଅଧିନିୟମ କିମ୍ବା ପଞ୍ଜାବ ଅଧିନିୟମରେ ଏପରି କୌଣସି ପ୍ରାବଧାନ ନାହିଁ । ଅନ୍ୟପକ୍ଷରେ ହରିୟାଣା ଅଧିନିୟମର ଧାରା **33 (2) (ii)** ପ୍ରାବଧାନ ରଖେ ଯେ ପଞ୍ଜାବ ଅଧିନିୟମ ଅନୁଯାୟୀ ବିଚାରାଧୀନ ପ୍ରକ୍ରିୟା ସେହି ଅଧିନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ହେବା ଉଚିତ ଏବଂ ବଳକା ଜମି ରାଜ୍ୟରେ ନ୍ୟସ୍ତ ହେବାର ଅର୍ଥ, ଏହାର ବିପରୀତରେ ଏକ ସ୍ପଷ୍ଟ ସଙ୍କେତ ଅଟେ ।

*ଆଇନଗତ ଉତ୍ତରାଧିକାରୀମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇ ଯୋଧା ରାମ (ମୃତ) ବନାମ ଆର୍ଥିକ ଆୟୁକ୍ତ ହରିୟାଣା, ଚଣ୍ଡିଗଡ଼* ଏବଂ ଅନ୍ୟମାନେ, **[1994] 1 S.C.C. 27** ମାମଲା ଉପରେ ନିର୍ଭର କରାଗଲା ।  ଯଶୱନ୍ତ କୌର ବନାମ ହରିୟାଣା ରାଜ୍ୟ, **A.I.R. (1977) P & H 221** ମାମଲାକୁ, ଅନୁମୋଦନ କରାଗଲା ।

**2.1.**ଏପରିକି କିଛି କ୍ଷେତ୍ରରେ ଆଇନକୁ ପିଛିଲା ଲାଗୁ କରି ନିହିତ ଅଧିକାରକୁ ଛଡ଼ାଇ ନେଇ, ବ୍ୟବସ୍ଥାପିକା ପିଛିଲା ପ୍ରଭାବରେ ଆଇନ ପ୍ରଣୟନ କରିବାକୁ ସକ୍ଷମ ।

**2.2.ବର୍ତ୍ତମାନର ମାମଲାରେ, ବଳକା ଜମିର ବୈଧାନିକ ନ୍ୟସ୍ତତା ଦ୍ୱାରା, ଜମିଧାରୀଙ୍କ ଜମିରେ ପୂର୍ବରୁ ଥିବା ଅଧିକାର, ପ୍ରଜାସତ୍ତ୍ୱ ଏବଂ ସ୍ୱାର୍ଥ ଡିସେମ୍ବର 23, 1972 ଏବଂ ତା 'ପରଠାରୁ ରାଜ୍ୟରେ ନ୍ୟସ୍ତ ହୋଇଥିଲା ।ଏହି ନ୍ୟାୟାଳୟ ହରିୟାଣା ସର୍ବାଧିକ ଜମି ପରିମାଣ ଅଧିନିୟମ 1972 ସାମ୍ବିଧାନିକ ବୈଧତାକୁ କାଏମ ରଖିଛନ୍ତି ।**

** ମୁକ୍ତିୟାର ସିଂ ଏବଂ ଅନ୍ୟମାନେ ବନାମ ବନାମ ହରିୟାଣା ରାଜ୍ୟ ଏବଂଅନ୍ୟଜଣେ (1985)* **1 SCALE 21, ମାମଲା ଉପରେ ନିର୍ଭର କରାଗଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3397/1984 ଇତ୍ୟାଦି ଇତ୍ୟାଦି ।

ଦେୱାନୀ ଆଜ୍ଞାଦେଶ ଆବେଦନ 5298/1981 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 23.11.1981 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଉପସ୍ଥିତ ଥିବା ପକ୍ଷଗୁଡ଼ିକ ତରଫରୁ ଏ. ଏମ୍. ସିଂଭି, ଜି. କେ. ବଂଶଲ, ଏସ୍. ଏମ୍. ଆଶ୍ରୀ , କେ. କେ. ମୋହନ, ରାଜୀବ ଦତ୍ତା, ଜି. ଭିପିନ ନାୟାର, ମହାବୀର ସିଂହ, ଜେ. ଡି. ଜୈନ, ସୁଶ୍ରୀ ଶିରିନ୍ ଜୈନ, ସୁଶ୍ରୀ ଭି. ମୋହନା ଏବଂ ସୁଶ୍ରୀ ଇନ୍ଦୁ ମାଲହୋତ୍ରା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

1. ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ନଭେମ୍ବର 23,1981ତାରିଖରେ କରାଯାଇଥିବା ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 5298/81 ରେ ଦୁଇଜଣିଆ ଖଣ୍ଡପୀଠଙ୍କର ଆଦେଶର ଉତ୍ପନ୍ନ ହୋଇଛି । ସ୍ୱୀକାରଯୋଗ୍ୟ ଯେ ଅଗଷ୍ଟ 28,1964 ତାରିଖର ପ୍ରକ୍ରିୟା ଦ୍ୱାରା ଆବେଦନକାରୀଙ୍କ ପାଖରେ ଏପ୍ରିଲ 15,1964 ତାରିଖ ସୁଦ୍ଧା 117 ବିଘା, 5 ବିଶ୍ୱାସ ବରାନୀ ଜମିର ବଳକା ଜମି ଥିବା ଘୋଷଣା କରାଗଲା । ଏହା ପରେ ସେ ବଳକା ଜମିର ଦଖଲ ଏବଂ ଉପଭୋଗରେ ରହିଥିଲେ । ଆଜ୍ଞାଦେଶ ଆବେଦନରେ, ଆବେଦନକାରୀ ଦାବି କରିଥିଲେ ଯେ ମଧ୍ୟବର୍ତ୍ତୀକାଳୀନ ସମୟରେ ତାଙ୍କର ତିନି ପୁଅ ସାବାଳକ ହୋଇସାରିଥିଲେ, ତେଣୁ ବଳକା ଅଞ୍ଚଳକୁ ହରିୟାଣା ସର୍ବାଧିକ ଜମି ପରିମାଣ ଅଧିନିୟମ 1972 ଅନୁଯାୟୀ ପୁନଃ ହିସାବ କରାଯିବା ଉଚିତ ।ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ବର୍ତ୍ତମାନର ଏହି ଆବେଦନ ।

2. ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଶ୍ରୀ ବଂଶଲ ଦୁଇ ପ୍ରକାରର ଯୁକ୍ତି କରିଥିଲେ । ପ୍ରଥମେ ସେ ଯୁକ୍ତି କରିଥିଲେ ଯେ ଜମି, ଯଦିଓ ବଳକା ବୋଲି ଘୋଷିତ ହୋଇଛି, କିନ୍ତୁ ତାହାକୁ ଆବେଦନକାରୀଙ୍କ ଦ୍ୱାରା ଦଖଲ ଏବଂ ଉପଭୋଗ କରିବାକୁ ଅନୁମତି ଦିଆଯାଇଛି , ଅର୍ଥାତ୍, ଅନ୍ୟଥା ଅଣବ୍ୟବହୃତ ରହିବା ପାଇଁ, ଆବେଦନକାରୀ ତାଙ୍କ ସାବାଳକ ହୋଇସାରିଥିଲେ ବୋଲି ତାଙ୍କ ଘୋଷଣାନାମାକୁ ପୁନରାରମ୍ଭ କରିବା ପାଇଁ ଦାବି କରିବାକୁ ହକଦାର ଥିଲେ । ହରିୟାଣା ଅଧିନିୟମର ଧାରା 7. ଏବଂ 9 ଅନୁଯାୟୀ, ବଳକା ଜମିର ହିସାବ ଆବେଦନକାରୀ ଏବଂ ତାଙ୍କ ତିନି ପୁଅଙ୍କ ମଧ୍ୟରେ କରିବାକୁ ପଡ଼ିଥିଲା । ଏହି ଯୁକ୍ତିରେ ଆମେ କୌଣସି ସାରମର୍ମ ପାଉନାହୁଁ। ପଞ୍ଜାବ ଅଧିନିୟମ 31ଟି ମାନକ ଏକରକୁ ସର୍ବାଧିକ କ୍ଷେତ୍ର ଭାବେ ସ୍ଥିର କରିଥିବାବେଳେ ହରିୟାଣା ଅଧିନିୟମ 17-1/ 2 ମାନକ ଏକରକୁ ସର୍ବାଧିକ କ୍ଷେତ୍ର ଭାବେ ସ୍ଥିର କରିଛି ଏବଂ ବଳକା ଜମିର ନିର୍ଦ୍ଧାରଣକୁ ଧାରା 9 ଅନୁଯାୟୀ ଅନୁମତି ଦେଇଛି । ଯଦି ଜଣେ ସାବାଳକ ପୁଅ ଅଲଗା ରହୁଥିଲେ, ତେବେ ତାଙ୍କ ଭାଗକୁ ପୃଥକ ଭାବରେ ଗଣନା ତାଙ୍କ ଅଂଶ ବୋଲି ଗଣନା କରାଯାଇପାରିବ । ସେହି ପ୍ରକ୍ରିୟାରେ, ହରିୟଣା ଅଧିନିୟମର ଧାରା 9 ଅନୁଯାୟୀ ବଳକା ଜମି ସମାଯୋଜନ ପାଇଁ ଯୋଗ୍ୟ ଥିଲା । କିନ୍ତୁ ତାହା ବଳକା ଜମିକୁ ପଞ୍ଜାବ ଅଧିନିୟମ ପୁନରାରମ୍ଭ ଏବଂ ପୁନଃହିସାବ କରି ସମାଯୋଜନ କରିବାକୁ ଅନୁମତି ଦିଏ ନାହିଁ। ହରିୟାଣା ଅଧିନିୟମ କିମ୍ବା ପଞ୍ଜାବ ଅଧିନିୟମରେ ଏପରି କୌଣସି ପ୍ରାବଧାନ ନାହିଁ । ଅନ୍ୟପକ୍ଷରେ ହରିୟାଣା ଅଧିନିୟମର ଧାରା 33 (2) (ii) ପ୍ରାବଧାନ ରଖେ ଯେ ପଞ୍ଜାବ ଅଧିନିୟମ ଅନୁଯାୟୀ ବିଚାରାଧୀନ ପ୍ରକ୍ରିୟା ସେହି ଅଧିନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ହେବା ଉଚିତ ଏବଂ ବଳକା ଜମି ରାଜ୍ୟରେ ନ୍ୟସ୍ତ ହେବାର ଅର୍ଥ, ଏହାର ବିପରୀତରେ ଏକ ସ୍ୱଷ୍ଟ ସଙ୍କେତ ଅଟେ । ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ଏକ ପୂର୍ଣ୍ଣ ଖଣ୍ଡପୀଠ ଜଶୱନ୍ତ କୌର୍ ବନାମ ହରିୟାଣା ରାଜ୍ୟ,A.I.R. 1977 P & H 221 ମାମଲାରେ ହରିୟାଣା ଅଧିନିୟମର ଧାରା 12 (3) ବ୍ୟାଖ୍ୟା କରି ରାୟ ଦେଲେ ଯେ ଡିସେମ୍ବର 23,1972 ତାରିଖ ଏବଂ ତା 'ପରଠାରୁ ବଳକା ଜମି ହରିୟାଣା ଅଧିନିୟମର ଧାରା 12 (3) ଅନୁଯାୟୀ ରାଜ୍ୟ ଉପରେ ନ୍ୟସ୍ତ ହେବ । ଅନ୍ୟ ଅର୍ଥରେ, ସେହି ଦିନଠାରୁ ଏହି ଜମି ଆଇନଗତ ଦାବିରୁ ମୁକ୍ତ ହୋଇ ହରିୟାଣା ରାଜ୍ୟ ଉପରେ ନ୍ୟସ୍ତ ହୋଇ ରହିଛି, ଯାହା ହରିୟାଣା ଅଧିନିୟମ ଅନୁଯାୟୀ ଚାଷ ପାଇଁ ଭଡ଼ାଟିଆ ଏବଂ ଭୂମିହୀନ ଶ୍ରମିକମାନଙ୍କୁ ବଳକା ଜମି ଆବଣ୍ଟନ ପାଇଁ ଉପଲବ୍ଧ ହେଉଛି । ଆଇନଗତ ଉତ୍ତରାଧିକାରୀମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇ ଯୋଧା ରାମ (ମୃତ)ବନାମ ଆର୍ଥିକ ଆୟୁକ୍ତ ହରିୟାଣା, ଚଣ୍ଡିଗଡ଼ ଏବଂ ଅନ୍ୟମାନେ, [1994] 1 S.C.C. 27 ମାମଲାରେ ଦିଆଯାଇଥିବା ରାୟକୁ ଏହି ନ୍ୟାୟାଳୟ ବିଚାର କଲେ ଏବଂ ଧରି ନେଲେ ଯେ ଧାରା 12 ସହିତ

ଧାରା 8 ଏବଂ ପଞ୍ଜାବ ଅଧିନିୟମକୁ ଲାଗୁ କରି, ଜୁଲାଇ 13, 1958 ତାରିଖ ପୂର୍ବରୁ ଦ୍ୱାରା କରାଯାଇଥିବା କୌଣସି ବିଚ୍ଛିନ୍ନତାକୁ ସୁରକ୍ଷା ପ୍ରଦାନ କରାଯାଇଥିଲା ଏବଂ ଜମିଗୁଡ଼ିକ ରାଜ୍ୟ ଉପରେ ନ୍ୟସ୍ତ ହେବା ତାରିଖ ପର୍ଯ୍ୟନ୍ତ , ସେଗୁଡ଼ିକୁ ଜମିଧାରୀଙ୍କ ଅଧୀନରେ ରଖାଯାଇଥିଲା ଏବଂ ବଳକା ଜମିର ଜମିଧାରୀଙ୍କର ଜମି ଉପରେ କୌଣସି ଅଧିକାର, ପ୍ରଜାସତ୍ତ୍ୱ ଏବଂ ସ୍ୱାର୍ଥ ରହିଲା ନାହିଁ ଏବଂ ସେ ମଧ , ଅନ୍ୟ କେହି ଭଡ଼ାଟିଆ ଯାହାଙ୍କ ଉପରେ ରାଜ୍ୟ ଦ୍ୱାରା ସେହି ଜମିକୁ ନ୍ୟସ୍ତ କରାଯାଏ , ତାଙ୍କୁ ସେଠାରୁ ଉଚ୍ଛେଦ କରିପାରିବେ ନାହିଁ । ଏହି ନିଷ୍ପତିଗୁଡ଼ିକୁ ଦୃଷ୍ଟିରେ ରଖି, ଆମର ଏହି ସିଦ୍ଧାନ୍ତରେ ପହଞ୍ଚିବାରେ କୌଣସି ଦ୍ୱିଧା ନାହିଁ ଯେ ଯଦିଓ ବଳକା ଜମିକୁ ପୂର୍ବ ଜମିଧାରୀଙ୍କ ଦଖଲରେ ରହିବାକୁ ଅନୁମତି ଦିଆଯାଇଥିଲା, କିନ୍ତୁ ହରିୟାଣା ସର୍ବାଧିକ ଜମି ପରିମାଣ ଅଧିନିୟମ 1972 ଅନୁଯାୟୀ ଜମି ଉପରେ କୌଣସି ଆଇନଗତ ଦାବିରୁ ମୁକ୍ତ ହୋଇ ଏହାର ପ୍ରଜାସତ୍ତ୍ୱ ଅଧିକାର 23.12.1972 ତାରିଖରୁ ରାଜ୍ୟ ପାଖରେ ରହିଥିଲା । ଆହୁରି ମଧ, ପୂର୍ବ ଜମିଧାରୀଙ୍କୁ ରାଜ୍ୟ ଦ୍ୱାରା ଅନୁମତି ଦିଆଯାଇଥିବା ବଳକା ଜମିର ଉପଭୋଗ, ଏପରି ଜମିରେ କୌଣସି ପ୍ରଜାସତ୍ତ୍ୱ ଦାବି କରିବା କରିବା ପାଇଁ ତାଙ୍କୁ କୌଣସି ଅଧିକାର ପ୍ରଦାନ କରେ ନାହିଁ ।ତେଣୁ, ଆବେଦନକାରୀ ଏବଂ ତାଙ୍କ ତିନି ପୁଅ, ଯେଉଁମାନେ ପରେ ସାବାଳକ ହୋଇଥିଲେ, ସେମାନଙ୍କ ମଧ୍ୟରେ ନୂତନ ହିସାବର ପ୍ରଶ୍ନ ଉଠୁନାହିଁ।

3. ଏହା ପରେ ଯୁକ୍ତି କରାଯାଇଛି ଯେ ଏହି ଅଧିନିୟମକୁ ପିଛିଲା ପ୍ରଭାବ ଦିଆଯାଇଛି ଏବଂ ଏହା ଆବେଦନକାରୀଙ୍କ ନିହିତ ଅଧିକାରକୁ ପ୍ରଭାବିତ କରେ ଏବଂ ତେଣୁ ଏହା ଅତ୍ୟଧିକ ପ୍ରଭାବଶାଳୀ ଅଟେ । ଯୁକ୍ତିରେ ଆମେ କୌଣସି ସାରମର୍ମ ପାଉନାହୁଁ ।ବର୍ତ୍ତମାନ ଏହା ଉତ୍ତମ ରୂପେ ସ୍ଥିର ହୋଇଛି ଯେ ଏପରିକି କିଛି କ୍ଷେତ୍ରରେ ଆଇନକୁ ପିଛିଲା ଭାବେ ଲାଗୁ କରି ନିହିତ ଅଧିକାରକୁ ଛଡ଼ାଇ ନେଇ, ବ୍ୟବସ୍ଥାପିକା ପିଛିଲା ପ୍ରଭାବରେ ଆଇନ ପ୍ରଣୟନ କରିବାକୁ ସକ୍ଷମ । ଏହି କ୍ଷେତ୍ରରେ ଏପରି ପ୍ରଶ୍ନ ଉଠୁନାହିଁ କାରଣ ଦ୍ୱାରା ବଳକା ଜମିର ବୈଧାନିକ ନ୍ୟସ୍ତତା; ଏହାର ଧାରକଙ୍କ ଜମିରେ ପୂର୍ବରୁ ଥିବା ଅଧିକାର, ମାଲିକାନା ଏବଂ ସ୍ୱାର୍ଥ 1972 ଡିସେମ୍ବର 23 ଏବଂ ତା 'ପରଠାରୁ ରାଜ୍ୟରେ ନ୍ୟସ୍ତ ହୋଇଥିଲା । ଯେତେବେଳେ ଏହି ଅଧିନିୟମର ପ୍ରାବଧାନଗୁଡ଼ିକର ସାମ୍ବିଧାନିକ ବୈଧତାକୁ ଆପତ୍ତି କରାଯାଇଥିଲା, ସେତେବେଳେ ଦେୱାନୀ ଆବେଦନ ସଂଖ୍ୟା 16018-21/84 ଓ ଅନ୍ୟାନ୍ୟ ମାମଲା ଯଥା ମୁଖତୀୟାର୍ ସିଂହ ଏବଂ ଅନ୍ୟମାନେ ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟଜଣେ ରେ ଏହି ନ୍ୟାୟାଳୟଙ୍କର , ତିନିଜଣ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା ଏକ ରାୟରେ ସେହି ମାମଲାଗୁଡ଼ିକର ବୈଧତାକୁ ନଭେମ୍ବର 21,1984 ତାରିଖର ରାୟ ଦ୍ୱାରା କାଏମ ରଖାଗଲା । ଏହି ପରିସ୍ଥିତିରେ, ଆମେ ଆପତ୍ତି ଅଧୀନରେ ଥିବା ଆଦେଶରେ ହସ୍ତକ୍ଷେପ କରିବା

ପାଇଁ କୌଣସି ଆଧାର ପାଉ ନାହୁଁ । କିନ୍ତୁ ସେହି ଅନୁଯାୟୀ ଆବେଦନ ଏହି ପରିସ୍ଥିତିରେ ବିନା ଖର୍ଚ୍ଚରେ ଖାରଜ ହୁଏ ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।